ସୌମ୍ୟ ରଞ୍ଜନ ପଟ୍ଟନାୟକ ୦୧/୦୧/୧୯୮୯

# ନବବର୍ଷର ଅନୁଚିନ୍ତା

ନୂଆବର୍ଷ ୧୯୮୯ର ପ୍ରଥମ ଦିନରେ ଆମଘରର ହାଲଚାଲ କଥା ଚିନ୍ତାକଲାବେଳେ ସ୍ୱାଭାବିକ ଭାବେ ପୁରୁଣା ବର୍ଷଟି କିପରି କଟିଲା ଏବଂ ଚଳିତ ବର୍ଷଟି ଆମ ସମସ୍ତଙ୍କ ପାଇଁ କି ପ୍ରକାର ସମ୍ଭାବନାର ସୂଚନା ଦେଉଛି ଏ ଦୁଇଟି ବିଷୟରେ ଚିନ୍ତା କରିବା ପାଇଁ ବାଧ୍ୟ ହେଉଛୁ । ଗତବର୍ଷଟି ଆମ ଓଡ଼ିଶା ପାଇଁ ସେପରି କିଛି ଉଲ୍ଲେଖନୀୟ ଥିଲାବୋଲି କହିହେବ ନାହିଁ । ତେବେ ଆମ ସାଧାରଣ ଜୀବନରୁ ବହୁ ସ୍ମରଣୀୟ ବ୍ୟକ୍ତିତ୍ୱଙ୍କୁ ହରାଇଛୁ । ଅନ୍ୟମାନଙ୍କ ମଧ୍ୟରେ ନିତ୍ୟାନନ୍ଦ କାନୁନଗୋ ଏବଂ ପବିତ୍ର ମୋହନ ପ୍ରଧାନଙ୍କ ଅଭାବ ବିଶେଷ ଭାବେ ଅନୁଭୂତ ହେବ । ରାଜନୈତିକ ଦୃଷ୍ଟିକୋଣରୁ ବିଚାର କଲେ କଂଗ୍ରେସ ସରକାରକୁ କେବଳ ଯେ ଆଠବର୍ଷ ପୂରି ୯ ବର୍ଷ ଚାଲିଲା ଏବଂ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଏକ ବ୍ୟକ୍ତିଗତ ରେକର୍ଡ ସୃଷ୍ଟି ହେଲା ତା'ନୁହେଁ, ପୂର୍ବବର୍ଷରୁ ମୁଣ୍ଡ ଟେକି ଉଠିଥିବା କଂଗ୍ରେସର ଦଳୀୟ କନ୍ଦଳ ଏବଂ ଅସନ୍ତୋଷ ବହୁ ପରିମାଣରେ ପ୍ରଶମିତ ହୋଇପାରିଛି । ତା'ଛଡ଼ା ପି.ସି.ସି.ର ନୂଆ ସଭାପତି ଏବଂ ତାଙ୍କର ନୂଆ କର୍ମକର୍ତ୍ତାମାନେ ଉଭୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ଯେତେ ଅସମ୍ପୂର୍ଣ୍ଣ ହେଲେ ମଧ୍ୟ ନିଶ୍ଚିତ ଭାବରେ ସରକାରର ସ୍ଥାୟିତ୍ୱକୁ ଏକ ନୂତନ ମର୍ଯ୍ୟାଦା ଦେଇ ପାରିଛନ୍ତି । ଏହା ଅଧିକ ପରିଷ୍କାର ହେଉଛି, ଯେତେବେଳେ ଆମେ ବିରୋଧୀ ଦଳର ଆଚରଣ ବିଷୟରେ ଚିନ୍ତା କରୁଛୁ । ମୁଖ୍ୟ ବିରୋଧୀ ଦଳ ଭାବରେ ନିରଙ୍କୁଶ ଜନତା ପାର୍ଟି 'ଜନତା ଦଳ'ରେ ପରିବର୍ତ୍ତିତ ହେବାଃ ପରେ ନିଜର ସହଯୋଗୀମାନଙ୍କୁ ନେଇ ଅନ୍ତର୍ଦ୍ୱନ୍ଦ୍ୱର ଶିକାର ହୋଇଛି । କଂଗ୍ରେସ ଦଳ ଅନ୍ତର୍ଦ୍ୱନ୍ଦ୍ୱକୁ ଘଣ୍ଟଘୋଡ଼ାଇ ଦଳ ବାହାରୁ ବହୁ ତୁଙ୍ଗ ନେତାଙ୍କୁ ଆକର୍ଷିତ କରି ନିଜ ଭିତରକୁ ଟାଣି ଆଣିଥିବାବେଳେ ଜନତା ଦଳ ଏ ପ୍ରକାର ବିଶ୍ୱାସ କିମ୍ବା ସମ୍ଭାବନାର କୌଣସି ସୂଚନା ଦେଇପାରି ନାହାନ୍ତି ।

ଆମର ଅର୍ଥନୈତିକ ଅବସ୍ଥାରେ ମଧ୍ୟ ଏବର୍ଷ କୌଣସି ଉଲ୍ଲେଖନୀୟ ପରିବର୍ତ୍ତନ ଲକ୍ଷ୍ୟ କରାଗଲା ନାହିଁ । ପୂର୍ବବର୍ଷମାନଙ୍କ ପରି ଏବର୍ଷ ମଧ୍ୟ ବାଲେଶ୍ୱର ଜିଲ୍ଲାକୁ ବନ୍ୟା ଏବଂ କଳାହାଣ୍ଡି, କୋରାପୁଟ ଓ ବଲାଙ୍ଗୀର, ଗଞ୍ଜାମର କେତେକାଂଶକୁ ମରୁଡ଼ି ପୁଣି କବଳିତ କଲା । ରାଜସ୍ୱ ଆଦାୟ କ୍ଷେତ୍ରରେ ଆମେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିପାରିଲେ ମଧ୍ୟ, ଏହା ଆମର ଆବଶ୍ୟକ ସମ୍ବଳଠାରୁ ଯଥେଷ୍ଟ କମ୍ ହୋଇ ଥିବା ଦୃଷ୍ଟିରୁ ବହୁ ଉନ୍ନୟନ କାର୍ଯ୍ୟକ୍ରମ ହାତକୁ ନିଆଯାଇ ପାରିଲା ନାହିଁ । ଗତ ୮ ବର୍ଷ ଭିତରେ ତିଆରି ହୋଇଥିବା ଶିଳ୍ପ ବାତାବରଣରୁ ଆମେ ଏବର୍ଷ ସେପରି କୌଣସି ସୁଯୋଗ ନେଇ ପାରିଲୁ ନାହିଁ କେବଳ ଗୋଟିଏ କାରଣରୁ । ଗତ ୮ ବର୍ଷରେ ଗଢ଼ି ଉଠିଥିବା ଅନେକ ଶିଳ୍ପାନୁଷ୍ଠାନ ବିଦ୍ୟୁତ ଶକ୍ତିର ଅଭାବରୁ ରୁଗ୍ଣ ହୋଇପଡ଼ିଲେଣି ତ ନୂଆଶିଳ୍ପାନୁଷ୍ଠାନ ଓଡ଼ିଶାକୁ ଆସିବା ପାଇଁ ଆଉ ଉତ୍ସାହିତ ହେଉ ନାହାନ୍ତି । ପାରାଦୀପ ବନ୍ଦରକୁ ଗଭୀର କରିବାର ଯୋଜନା ଏବର୍ଷ ଯୋଜନାରେ ହିଁ ରହିଗଲା ତ ସମ୍ବଲପୁର ରେଳ ଡିଭିଜନ ତିଆରି କେବଳ ଖର୍ଚ୍ଚ ଅଟକଳ ଘୋଷଣା ଭିତରେ ସୀମିତ ରହିଗଲା । ସାଧାରଣ କ୍ଷେତ୍ରରେ ପ୍ରଶାସନର ବହୁ ଦୁର୍ବଳତା ଆମ ବ୍ୟବସ୍ଥାକୁ ଏପରି ଭାବେ ସଂକ୍ରମିତ କରିଛି ଯେ ତାହା ଏକ ବିଶ୍ୱାସର ସଙ୍କଟ ହୋଇଉଠିଛି । ପ୍ରଶାସନରେ ବିଶ୍ୱାସର ସଙ୍କଟ ରାଜନୈତିକ ସ୍ଥିରତାକୁ ଅନେକ ସମୟରେ ଜନମାନସରେ ନ୍ୟୂନ କରିଦେଉଛି ଏବଂ ମନେ ହେଉଛି ଗଣତନ୍ତ୍ର ନୁହେଁ ଅମଲାତନ୍ତ୍ର ହିଁ ଆମ ବ୍ୟବସ୍ଥାର ସବୁକିଛି । ଏହି ପୃଷ୍ଠଭୂମିରେ ୧୯୮୯କୁ ଆମେ ସ୍ୱାଗତ କରୁଛୁ ଏବଂ ଆଶା କରୁଛୁ ଯେ ଏହା ଆମ ସମସ୍ତଙ୍କ ପାଇଁ ଶୁଭଙ୍କର ହେବ । ଆସନ୍ତା କାଲି ଆମର ବରେଣ୍ୟ ରାଷ୍ଟ୍ରପତି ପ୍ରଥମ ଥର ପାଇଁ ରାଷ୍ଟ୍ରପତି ଭାବେ ଓଡ଼ିଶା ଆସୁଛନ୍ତି । ତାଙ୍କୁ ମଧ୍ୟ ଏ ଅବସରରେ ...ର୍ଷର ଶୁଭେଚ୍ଛା ଜଣାଉଛୁ ଏବଂ ତାଙ୍କର ଓଡ଼ିଶା ଆଗମନକୁ ସ୍ୱାଗତ ...ପତି ଭାବରେ ତାଙ୍କର ଓଡ଼ିଶା ପ୍ରତି ଯେଉଁ ଦାୟିତ୍ୱ ରହିଛି ସେ ...ନିଶ୍ଚିତ ଭାବରେ ସଚେତନ । ତେବେ ଆମର ଗୋଟିଏ ବଡ଼ ... ରାଜ୍ୟପାଳ ଡଃ ବି.ଏନ୍. ପାଣ୍ଡେଙ୍କର ଇସ୍ତଫା ପରେ ପ୍ରଫେସର ...ରୁଲ ହାସାନ୍ ରାଜ୍ୟପାଳ ହୋଇଛନ୍ତି । ତାଙ୍କୁ ମଧ୍ୟ ଆମେ ସ୍ୱାଗତ କରିଛୁ । କିନ୍ତୁ ଆମେ ତାଙ୍କୁ ଅଧା ସମୟ ପାଇଁ ନୁହେଁ, ପୂରା ସମୟ ପାଇଁ ଚାହୁଁଛୁ । ଅତୀତରେ ଏ ସମ୍ପର୍କରେ, ଆମେ ଦୃଷ୍ଟି ଆକର୍ଷଣ କରିଥିଲୁ । ଆଜି ରାଷ୍ଟ୍ରପତିଙ୍କର ଆଗମନ ଅବସରରେ ପୁଣି ଥରେ ଦାବୀ କରୁଛୁ ।

୧୯୮୯ଟି ଅନ୍ୟ ସବୁ ଦୃଷ୍ଟିରୁ ଆମ ପାଇଁ ସଫଳତାର ବର୍ଷ ହେବ ବୋଲି ଆମେ ବିଶ୍ୱାସ ରଖୁଛୁ । ସୁପର ଥର୍ମାଲର କାର୍ଯ୍ୟ ଆରମ୍ଭ ହେଉ, ବନ୍ଦର ଏବଂ ରେଳପଥ ଉନ୍ନତିରେ ଆଉ ଅହେତୁକ ବିଳମ୍ବ ନ ହେଉ, ରାଉରକେଲା ଇସ୍ପାତ ଶିଳ୍ପର ସମ୍ପ୍ରସାରଣ ସଙ୍ଗେ ସଙ୍ଗେ ଆଉ ଏକ ଇସ୍ପାତ କାରଖାନା କିମ୍ବା ଏକ ବୃହତ ଶିଳ୍ପ ପ୍ରତିଷ୍ଠିତ ହେଉ ଏବଂ ସର୍ବୋପରି ଓଡ଼ିଶାର ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ବିମାନ ଯୋଗାଯୋଗର ଅଧିକ ସୁବିଧା ଏବର୍ଷ କରାଯାଉ । ଏବର୍ଷ ନିର୍ବାଚନର ବର୍ଷ ହେବ । ତେଣୁ ରାଜନୈତିକ ଦଳମାନେ ନିଶ୍ଚିତ ଭାବେ ସକ୍ରିୟ ହେବେ । ତେବେ ଆମେ ବିଶ୍ୱାସ ରଖୁଛୁ ଯେ ସେମାନେ ଏ ନିର୍ବାଚନ ଯୁଦ୍ଧରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସ୍ୱୀକାର କରିବେ ଓ ଓଡ଼ିଶାର ସ୍ୱାର୍ଥ ଏବଂ ସ୍ୱାଭିମାନକୁ ଅଗ୍ରାଧିକାର ଦେବେ । ସାହିତ୍ୟ ଏବଂ ସଂସ୍କୃତି କ୍ଷେତ୍ରରେ ଆଉଥରେ ଜ୍ଞାନପୀଠ ପୁରସ୍କାର ପାଇବା, 'ଯାତ୍ରା ଉତ୍ସବ'ର ପରିକଳ୍ପନା କରିପାରିଥିବା କଥା ଆସନ୍ତା ବର୍ଷଟିକୁ ଏ କ୍ଷେତ୍ରରେ ଅଧିକ ସ୍ୱାଭିମାନୀ ଓ ସ୍ୱୀକୃତ କରିବ ବୋଲି ମଧ୍ୟ ଆମେ ଆଶା ରଖୁଛୁ ।

ନବବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ସହ—